Deepika Tunga, IV(A)

Chapter- 4

# ସନ୍ଧ୍ୟା

## WORKSHEET

୧. ଅପଠିତାଂଶଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

ମହାମହିମ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ପାଳିତ ହୁଏ। ଏହା ପୃଥିବୀ ପ୍ରସିଦ୍ଧ। ଏହାକୁ ଶ୍ରୀଗୁଣ୍ଡିଚା ଯାତ୍ରା ବା ଘୋଷଯାତ୍ରା ମଧ୍ୟ କୁହାଯାଏ। ଏହି ଯାତ୍ରାରେ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ତିନୋଟି ରଥରେ ବସି ବଡ଼ଦାଣ୍ଡରେ ଯାତ୍ରା କରନ୍ତି। ଏହା ବିଶ୍ୱମାନବର ଜୟଯାତ୍ରା। ଏହା ଉତ୍କଳୀୟ ସଂସ୍କୃତିର ଗର୍ବଗୌରବର ପ୍ରତୀକ। ସର୍ବଧର୍ମ ସମନ୍ୱୟ ଓ ଜାତିଭେଦର ନିରାକରଣ ରଥଯାତ୍ରାର ଅନ୍ୟତମ ମହତ୍ତ୍ୱ। ଏହା ଆମକୁ ସାମ୍ୟ, ମୈତ୍ରୀ ଓ ଭ୍ରାତୃଭାବ ଶିକ୍ଷା ଦେଇଥାଏ।

କ) ପ୍ରତିବର୍ଷ କେଉଁ ଠାକୁରଙ୍କର ରଥଯାତ୍ରା ପାଳନ କରାଯାଇଥାଏ ?

ଉ: ପ୍ରତି-ବର୍ଷ ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ପାଳନ କରାଯାଇଥାଏ।

ଖ) ଏହି ରଥଯାତ୍ରା କେଉଁ ତିଥିରେ ପାଳିତ ହୁଏ ?

ଉ: ରଥଯାତ୍ରା ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ପାଳିତ ହୁଏ।

ଗ) ଏହି ଯାତ୍ରାରେ କ'ଣ ହୁଏ ?

ଉ: ଏହି ଯାତ୍ରାରେ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ତିନୋଟି ରଥରେ ବସି ବଡ଼ଦାଣ୍ଡରେ ଯାତ୍ରା କରନ୍ତି।

ଘ) ଏହି ଯାତ୍ରାର ଆଉ କ'ଣ ମହତ୍ତ୍ୱ ଅଛି ?

ଉ: ସର୍ବଧର୍ମ ସମନ୍ୱୟ ଓ ଜାତିଭେଦର ନିରାକରଣ ରଥଯାତ୍ରାର ଅନ୍ୟତମ ମହତ୍ତ୍ୱ।

ଙ) ଏହି ଘୋଷଯାତ୍ରା ଆମକୁ କ'ଣ ଶିକ୍ଷା ଦେଇଥାଏ ?

ଉ: ଏହି ଘୋଷଯାତ୍ରା ଆମକୁ ସାମ୍ୟ, ମୈତ୍ରୀ ଓ ଭ୍ରାତୃଭାବ ଶିକ୍ଷା ଦେଇଥାଏ।

୨. ଶୂନ୍ୟସ୍ଥାନ ପୂରଣ କର।

କ) ଅସ୍ତ ହେଲେ ଦିନମଣି ହେଲା ଦିନ ଶେଷ।

ଖ) ଧୂଳି ଉଡ଼ାଇଣ ଦାଣ୍ଡେ କରି ହମ୍ବା ରଡ଼ି।

ଗ) ହଳକାମ ସାରି ଚଷା ମହା ଆନନ୍ଦରେ।

ଘ) ଦିନ-ଶ୍ରମ ଅନ୍ତେ ବସି ନିଜ ନିଜ ଘରେ।

ଙ) ତାହାର ପରଶେ ଏବେ ମୁଦିବେ ନୟନ।

୩. ବିଷୟବସ୍ତୁ ସମ୍ପର୍କିତ ପ୍ରଶ୍ନୋତ୍ତର।

କ) "ହଳକାମ ସାରି ଚଷା ମହାନନ୍ଦରେ

ନାନାରଙ୍ଗେ ଗୀତଗାଇ ବାହୁଡ଼ଇ ଘରେ"।

i) ଏହି ପଦଟି କେଉଁ ବିଷୟରୁ ଆସିଅଛି ?

ଉ: ଏହି ପଦଟି "ସନ୍ଧ୍ୟା" ବିଷୟରୁ ଆସିଅଛି।

ii) କେତେବେଳେ ଚାଷୀ ମହାଆନନ୍ଦରେ ଘରକୁ ଫେରେ ?

ଉ: ସନ୍ଧ୍ୟା ହେଲେ ଚାଷୀ ମହାଆନନ୍ଦରେ ଘରକୁ ଫେରେ।

ଖ) ''ଦିନ ଶ୍ରମ ଅନ୍ତେ ବସି ନିଜ ନିଜ ଘରେ

ବିଶ୍ରାମ ଲୋଡ଼ନ୍ତି ସର୍ବେ ଆକୁଳ ଅନ୍ତରେ''।

i) ଏହି ପଦଟିରେ କେତେବେଳେ ଲୋକମାନେ ବିଶ୍ରାମ ଲୋଡ଼ନ୍ତି ବୋଲି କୁହାଯାଇଛି ?

ଉ: ଏହି ପଦଟିରେ ସନ୍ଧ୍ୟା ହେଲେ ଲୋକମାନେ ବିଶ୍ରାମ ଲୋଡ଼ନ୍ତି ବୋଲି କୁହାଯାଇଛି।

ii) ଲୋକମାନେ କାହିଁକି ବିଶ୍ରାମ ଲୋଡ଼ନ୍ତି ?

ଉ: ଦିନସାରା କଠିନ ପରିଶ୍ରମ କଲା ପରେ, ସେହି ପରିଶ୍ରମରୁ ମୁକ୍ତି ପାଇବା ପାଇଁ ଲୋକମାନେ ବିଶ୍ରାମ ଲୋଡ଼ନ୍ତି।

iii) ସନ୍ଧ୍ୟା ସମୟରେ ଲୋକମାନେ କେଉଁଠି ରହିବାକୁ ଭଲପାଆନ୍ତି ?

ଉ: ସନ୍ଧ୍ୟା ସମୟରେ ଲୋକମାନେ ଘରେ ରହିବାକୁ ଭଲପାଆନ୍ତି।

୪. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।

କ) ଦିନ କେତେବେଳେ ଶେଷ ହୋଇଥାଏ ?

ଉ: ସୂର୍ଯ୍ୟ ଅସ୍ତ ହେଲେ ଦିନ ଶେଷ ହୋଇଥାଏ।

ଖ) ଚଷାଭାଇ କେମିତି ଘରକୁ ଫେରେ ?

ଉ: ଚଷାଭାଇ ନାନା ପ୍ରକାର ଗୀତ ଗାଇ ଗାଇ ଘରକୁ ଫେରେ।

ଗ) ସନ୍ଧ୍ୟା ହେଲେ କେଉଁ କେଉଁ ସ୍ଥାନରେ ଅନ୍ଧାର ଘୋଟିଯାଏ ?

ଉ: ସନ୍ଧ୍ୟା ହେଲେ ନୀଳ ଆକାଶ ଠାରୁ ଆରମ୍ଭ କରି ଜଳ, ସ୍ଥଳ, ପାହାଡ଼, ବଣ, ନଦୀ ସବୁଆଡ଼େ ଅନ୍ଧାର ଘୋଟିଯାଏ।

ଘ) ଦିନର କ'ଣ ଭାଙ୍ଗିଯାଇଛି ?

ଉ: ଦିନର ଗହଳି ଚହଳି ସନ୍ଧ୍ୟା ହେଲେ ଭାଙ୍ଗିଯାଏ।

ଙ) କାହାର ପରଶରେ ନରନାରୀଗଣ ମୁଦିବେନୟନ ?

ଉ: ନିଦ୍ରାର ପରଶରେ ନରନାରୀଗଣ ମୁଦିବେ ନୟନ ।

୫. ତଳେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟଗଠନ କର ।

କ) ନୟନ - ମାଁ ନୟନରେ କଜ୍ଜଳ ଲଗାଇବାକୁ ଭଲପାଏ ।

ଖ) ଗଗନ - ଗଗନରେ ପକ୍ଷୀମାନେ ଉଡୁଛନ୍ତି ।

ଗ) ବିଶ୍ରାମ - ଦିନଯାକ କଠିନ ପରିଶ୍ରମ କରିଲା ପରେ ଆମେ ବିଶ୍ରାମ କରିବାକୁ ଭଲ ପାଆନ୍ତି ।

•••

EDUCATIONAL GROUP